# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**13 July– 2026**

---

## ଘଣାଲାଗି

ଅଣବସର ତ୍ରୟୋଦଶୀ ତିଥିରେ ପୁରୀ ଶ୍ରୀମନ୍ଦିରରେ ଆଜି ଶ୍ରୀଜୀଉଙ୍କର ଘଣାଲାଗି ନୀତି ଅନୁଷ୍ଠିତ ହେବ । ସୁନାକୂଅରୁ ୩ ଗରା ଜଳ ଗତକାଲିଠାରୁ ଶୁଦ୍ଧ ସୁଆରଙ୍କ ଘରେ ବିଜେ ହେବା ସହ ଦିବ୍ୟ ପ୍ରଲେପ ଖଳି ପ୍ରସ୍ତୁତ କରାଯାଇଛି । ଘଣାଲାଗି ପରେ ସେହି ଖଳିକୁ ଶୁଦ୍ଧ ସୁଆରଙ୍କ ଘରୁ ଶୋଭାଯାତ୍ରାରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯିବ । ଖଳିଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖୀ ଓଡା ପଡ଼ିବ । ଏଥିସହ ଦଇତାପତି ସେବକ ଶ୍ରୀଜୀଉଙ୍କର ଶ୍ରୀପୟର ମୁଦାନୀତି ସଂପନ୍ନ କରିବେ । ଆଜି ମଧ୍ୟ ଭୋଗ ମଣ୍ଡପ ନୀତି ପରେ ଠାକୁରଙ୍କର ଖଳିଲାଗି ନୀତି ଅନୁଷ୍ଠିତ ହେବ ।
ଆସନ୍ତାକାଲି ଚତୁର୍ଦ୍ଧାମୂର୍ତ୍ତିଙ୍କ ନବଯୌବନ ଦର୍ଶନ ଅନୁଷ୍ଠିତ ହେବ । ଏହି ଦର୍ଶନ ସୀମିତ ସମୟ ପାଇଁ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି ।

---

## ରଥଯାତ୍ରା-ସ୍ୱାସ୍ଥ୍ୟସେବା

ପୁରୀ ରଥଯାତ୍ରା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ରଥଯାତ୍ରା ସମୟରେ ପୁରୀ ସହରକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ଆଶୁ ଚିକିତ୍ସାକେନ୍ଦ୍ର ଖୋଲାଯିବ ।

ସମସ୍ତ ଆଶୁ ଚିକିତ୍ସା କେନ୍ଦ୍ର ନିକଟରେ ଆପତକାଳୀନ ସ୍ଥିତିରେ ମୁକାବିଲା ପାଇଁ ଆମ୍ବୁଲାନ୍ସ ମୁତୟନ କରାଯିବ । ରଥଯାତ୍ରା ସମୟରେ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ୪୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଆପତକାଳୀନ ସ୍ଥିତିରେ ସେବା ଯୋଗାଇ ଦେବେ ବୋଲି ସୂଚନା ମିଳିଛି ।

---

## ସଂସଦ- ସର୍ବଦଳୀୟ ବୈଠକ

ସଂସଦର ଆଗାମୀ ମୌସୁମୀ ଅଧିବେଶନର ସୁପରିଚାଳନା ନେଇ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହେବ । ଆସନ୍ତା ୧୯ ତାରିଖରେ ନୂଆଦିଲ୍ଲୀର ସଂସଦ ଭବନ ପରିସରରେ ଏହି ବୈଠକ ହେବା ନେଇ କାର୍ଯ୍ୟସୂଚୀ ସ୍ଥିର ହୋଇଛି । ସଂସଦର ମୌସୁମୀ ଅଧିବେଶନ ଆସନ୍ତା ୨୦ ତାରିଖରୁ ଆରମ୍ଭ ହୋଇ ଆସନ୍ତା ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

---

## ରାଷ୍ଟ୍ରୀୟ ଶୋକ

କାତାରର ପୂର୍ବତନ ଅମିର ତଥା ଫାଦର ଅମିର ଶେଖ୍ ହମଦ୍ ବିନ୍ ଖଲିଫା ଅଲ୍ ଥାନିଙ୍କର ୭୪ ବର୍ଷ ବୟସରେ ଗତକାଲି ପରଲୋକ ହୋଇଛି । ତାଙ୍କ ସମ୍ମାନାର୍ଥେ ଆଜି ଭାରତରେ ରାଷ୍ଟ୍ରୀୟ ଶୋକ ପାଳନ କରାଯାଉଛି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ, ଏହି ଦିନିକିଆ ଶୋକ ଦିବସ ପାଳନ ଅବସରରେ ତ୍ରିରଙ୍ଗାକୁ ଅର୍ଦ୍ଧନମିତ ରଖାଯିବ । ଦେଶବ୍ୟାପୀ କୌଣସି ସରକାରୀ ମନୋରଂଜନ କାର୍ଯ୍ୟକ୍ରମର ଆୟୋଜନ କରାଯିବ ନାହିଁ । ଶେଖ୍ ହମଦ୍ ୧୯୯୫ରୁ ୨୦୧୩ ପର୍ଯ୍ୟନ୍ତ ଦୀର୍ଘ ୧୮ ବର୍ଷ ଧରି କାତାରର ଶାସକ ଥିଲେ ।

---

## ସର୍ବକ୍ଷମା ଯୋଜନା

କେନ୍ଦ୍ର ସରକାରଙ୍କ ପକ୍ଷରୁ ସର୍ବକ୍ଷମା ଯୋଜନା ୨୦୨୬ କାର୍ଯ୍ୟକାରୀ କରାଯାଇଛି । କର୍ମଚାରୀ ଭବିଷ୍ୟନିଧି ସଂଗଠନ ଦେଇଥିବା ସୂଚନା ଅନୁଯାୟୀ ଆୟକର ଆଇନ ୧୯୬୧ ଅଧୀନରେ ମାନ୍ୟତାପ୍ରାପ୍ତ ଭବିଷ୍ୟନିଧି ପାଣ୍ଠି ଚଳାଉଥିବା ପ୍ରତିଷ୍ଠାନଗୁଡ଼ିକୁ ନିଜର ସ୍ଥିତି ନିୟମିତ କରିବା ପାଇଁ ଏହାକୁ ଲାଗୁ କରାଯାଇଛି । ଏଥିପାଇଁ ୬ ମାସର ସମୟସୀମା ଧାର୍ଯ୍ୟ ହୋଇଛି । ଗତମାସ ୨୯ ତାରିଖରେ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଥିଲା । ସେବେଠାରୁ ୬ ମାସର ସମୟସୀମା ଧାର୍ଯ୍ୟ କରାଯାଇଛି ।

---

## ଅଭିଯୋଗ ଶୁଣାଣି ବନ୍ଦ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଜନ ଅଭିଯୋଗ ଶୁଣାଣି ଆଜି ବନ୍ଦ ରହିଛି । ମୁଖ୍ୟମନ୍ତ୍ରୀଙ୍କ କେତେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଭୁବନେଶ୍ୱରରେ ହେବାକୁ ଥିବା ଅଭିଯୋଗ ଶୁଣାଣିକୁ ଆଜି ପାଇଁ ବନ୍ଦ ରଖାଯାଇଛି । ଶୁଣାଣିର ପରବର୍ତ୍ତୀ ତାରିଖ ଗଣମାଧ୍ୟମ ଜରିଆରେ ଅବଗତ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

---

## ଓଡ୍ରାଫ୍

ନାଗାଲ୍ୟାଣ୍ଡ ଅଗ୍ନିଶମ ଓ ଜରୁରୀକାଳୀନ ସେବାର ୨୯ ଜଣ କର୍ମଚାରୀ ଓଡ଼ିଶାରେ ୯ ମାସିଆ ସ୍ୱତନ୍ତ୍ର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଶେଷ କରିଛନ୍ତି ।

ଓଡ଼ିଶା ଅଗ୍ନିଶମ ଓ ବିପର୍ଯ୍ୟୟ ପ୍ରଶମନ ପ୍ରତିଷ୍ଠାନ - ଓଡ୍ରାଫ୍ ତତ୍ତ୍ୱାବଧାନରେ ଏହି ପ୍ରଶିକ୍ଷଣ କାର୍ଯ୍ୟ ସଂପନ୍ନ ହୋଇଛି । ଉଦ୍‌ଯାପନି ସମାରୋହରେ ଯୋଗଦେଇ ଅଗ୍ନିଶମ ସେବା ମହାନିର୍ଦ୍ଦେଶକ ଡକ୍ଟର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି, ଏପର୍ଯ୍ୟନ୍ତ ସମଗ୍ର ଦେଶରୁ ୬ ହଜାରରୁ ଅଧିକ ଅଗ୍ନିଶମ କର୍ମଚାରୀଙ୍କୁ ଓଡ୍ରାଫ୍ ପକ୍ଷରୁ ତାଲିମ ପ୍ରଦାନ କରାଯାଇ ସାରିଛି ।

## ଦୁର୍ଘଟଣା

ନବରଙ୍ଗପୁର ଜିଲ୍ଲା ରାଇଘର-କଣ୍ଟେଇ ମୁଖ୍ୟରାସ୍ତାର ଦେଓଭରାଣ୍ଡି ଗାଁ ନିକଟରେ ଏକ ସଡ଼କ ଦୁର୍ଘଟଣାରେ ୨ ଜଣ ନାବାଳକଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୩ଜଣ ଆହତ ହୋଇଛନ୍ତି । ଗୋଟିଏ ମୋଟରସାଇକେଲକୁ ଟ୍ରକ୍ ପଛପଟୁ ଧକ୍କା ଦେବାରୁ ଏହି ଦୁର୍ଘଟଣା ଘଟିଥିଲା । ଘଟଣାସ୍ଥଳରେ ୩ ବର୍ଷ ଓ ୫ ବର୍ଷର ୨ ନାବାଳକଙ୍କର ମୃତ୍ୟୁ ହୋଇଛି । ଟ୍ରକ୍‌କୁ ଜବତ କରାଯାଇଥିବା ବେଳେ ଦୁର୍ଘଟଣାର ତଦନ୍ତ ଜାରି ରହିଛି ।

## ଆଥ୍‌ଲେଟିକ୍ସ

ଚୀନ୍‌ର ଓର୍ଡୋସ୍ ଠାରେ ଅନୁଷ୍ଠିତ ୨୩ ବର୍ଷରୁ କମ୍ ଏସିଆନ୍ ଆଥ୍‌ଲେଟିକ୍ସ ଚାମ୍ପିୟାନ୍‌ସିପ୍‌ର ୪ ଗୁଣନ ୪୦୦ମିଟର ରିଲେରେ ଭାରତୀୟ ଦଳକୁ ରୌପ୍ୟ ପଦକ ମିଳିଛି । ଭାରତୀୟ ଦଳରେ ଓଡ଼ିଶାର ଆସ୍ତିକ ପ୍ରଧାନ ସାମିଲ ଅଛନ୍ତି । ପୂର୍ବରୁ ଏହି ଭାରତୀୟ ଦଳ ୪ ଗୁଣନ ୪୦୦ ମିଟର ମିକ୍ସଡ ରିଲେରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି । ଆସ୍ତିକଙ୍କର ଏହି

ସଫଳତା ପାଇଁ ଓଡ଼ିଶା ଦୌଡ଼କୁଦ ସଂଘ ପକ୍ଷରୁ ୫୦ ହଜାର ଟଙ୍କାର ଆର୍ଥିକ ପୁରସ୍କାର ଘୋଷଣା କରାଯାଇଛି ।

## ପାଣିପାଗ

ରାଜ୍ୟର ବିଭିନ୍ନ ସ୍ଥାନରେ ଲଗାତାର ବର୍ଷା ହେବା ଫଳରେ ତାପମାତ୍ରା ହ୍ରାସ ପାଇଥିଲେ ସୁଦ୍ଧା ଗରମ ଓ ଗୁଳୁଗୁଳି ଜାରି ରହିଛି । ଗତକାଲି ଅନେକ ସ୍ଥାନରେ ଆର୍ଦ୍ରତା ହାର ୮୦ ଡିଗ୍ରୀ ଉପରେ ରହିଥିଲା । ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ହୀରାକୁଦ ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ୬ଟା ସୁଦ୍ଧା ୬୧୦ ଦଶମିକ ୭/୫ ଘନଫୁଟ ରହିଛି । ବର୍ତ୍ତମାନ ଜଳଭଣ୍ଡାରର ୨ଟି ଗେଟ୍ ଦେଇ ଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨୯ ହଜାର ୩୮ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୫୩ ହଜାର ୧୦୯ ଘନଫୁଟ ଜଳ ନିଷ୍କାସିତ ହେଉଛି ।